# NATIONAL NEWS BULLETIN (ODIA)

## 13 June - 2024

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଇଟାଲୀ ସହ ଦ୍ୱିପାକ୍ଷିକ ସମ୍ପର୍କ ଏବଂ ପ୍ରଶାନ୍ତ ମହାସାଗରୀୟ ଓ ଭୂମଧ୍ୟସାଗରୀୟ ଅଞ୍ଚଳରେ ସହଭାଗିତା ବୃଦ୍ଧି ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ - କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ନିଟ୍ ୟୁଜି ମେଡ଼ିକାଲ ପ୍ରବେଶିକା ପରୀକ୍ଷାରେ ଦିଆଯାଇଥିବା ଗ୍ରେସ୍ ମାର୍କ ପ୍ରତ୍ୟାହୃତ ।

\- ଏହି ପରୀକ୍ଷାରେ କୌଣସି ଅନିୟମିତତା ହୋଇ ନାହିଁ ବୋଲି କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

- ଓଡ଼ିଶାରେ ଡାକ ବିଭାଗ ନିଯୁକ୍ତିରେ ଅନିୟମିତତା ଅଭିଯୋଗ ମାମଲାରେ ବିଭିନ୍ନ ଜିଲ୍ଲାର ୬୭ରୁ ଅଧିକ ସ୍ଥାନରେ ଚଢ଼ାଉ କଲା ସିବିଆଇ ।
- ଜାମ୍ମୁ-କାଶ୍ମୀର ପ୍ରସଙ୍ଗକୁ ନେଇ ଚୀନ୍ ଓ ପାକିସ୍ତାନ ପକ୍ଷରୁ ଜାରି ମିଳିତ ବିବୃତ୍ତିକୁ ଖଣ୍ଡନ କଲା ଭାରତ ।

ଏବଂ

- ନେପାଳର କାଠମାଣ୍ଡୁଠାରେ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି ଆନ୍ତର୍ଜାତିକ ପର୍ଯ୍ୟଟନ ମେଳା ।

## ପିଏମ୍-ଡିପାରଚର ଷ୍ଟେଟମେଣ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଭାରତ-ଇଟାଲୀ ଦ୍ୱିପାକ୍ଷିକ ସମ୍ପର୍କ ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଓ ଭୂମଧ୍ୟସାଗରୀୟ ଅଞ୍ଚଳରେ ସହଭାଗିତା ବୃଦ୍ଧି ପାଇଁ ପ୍ରତିଶ୍ରୁତିବଦ୍ଧ । ଜି-୭ ଶିଖର ସମ୍ମିଳନୀରେ ଯୋଗଦେବାଲାଗି ଆଜି ଇଟାଲୀ ଗସ୍ତରେ ଯିବା ପୂର୍ବରୁ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି ଇଟାଲୀର ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନିଙ୍କ ଆମନ୍ତ୍ରଣ କ୍ରମେ ସେ ଇଟାଲୀ ଗସ୍ତରେ ଯାଉଛନ୍ତି । କ୍ରମାଗତ ତୃତୀୟଥର ଭାବେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ମୋଦୀଙ୍କର ଏହା ପ୍ରଥମ ବିଦେଶ ଗସ୍ତ । ସେ କହିଛନ୍ତି ଗତବର୍ଷ ଇଟାଲୀ ପ୍ରଧାନମନ୍ତ୍ରୀ ମେଲୋନିଙ୍କ ଦୁଇଥର ଭାରତଗସ୍ତ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ପାଇଁ ଅଧିକ ଫଳପ୍ରସୂ ହୋଇଥିଲା । ସମ୍ମିଳନୀ ଅବସରରେ ବିଭିନ୍ନ ରାଷ୍ଟ୍ରମୁଖ୍ୟଙ୍କ ସହ

କୃତ୍ରିମ ବୁଦ୍ଧିମତା, ଶକ୍ତି ତଥା ଅନ୍ୟାନ୍ୟ ବିଷୟ ଉପରେ ଆଲୋଚନା ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଭାରତ ଅଧ୍ୟକ୍ଷତାରେ ଆୟୋଜିତ ଜି-୨୦ ସମ୍ମିଳନୀରେ ଆଲୋଚନାର ବିଷୟ ରହିଥିବା ଅନେକ ପ୍ରସଙ୍ଗ ଆଗାମୀ ଜି-୭ ଶିଖର ବୈଠକ ଅବସରରେ ସ୍ଥାନିତ ହେବ ବୋଲି ସେ ଆଶାପ୍ରକାଶ କରିଛନ୍ତି ।

## ନିଟ୍ ୟୁଜି- ସୁପ୍ରିମକୋର୍ଟ

ନିଟ୍ ୟୁଜି ମେଡିକାଲ ପ୍ରବେଶିକା ପରୀକ୍ଷାରେ ୧ ହଜାର ୫୬୩ ଜଣ ପରୀକ୍ଷାର୍ଥୀଙ୍କୁ ଦିଆଯାଇଥିବା ଗ୍ରେସ୍ ମାର୍କକୁ ପ୍ରତ୍ୟାହୃତ କରାଯାଇଛି। ବିଚାରପତି ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟଙ୍କ ଅବକାଶ କାଳୀନ ଖଣ୍ଡପୀଠରେ ଏ ସଂକ୍ରାନ୍ତ ମାମଲାର ଶୁଣାଣି ସମୟରେ କେନ୍ଦ୍ର ସରକାର କୋର୍ଟଙ୍କୁ ଏହା ଅବଗତ କରିଛନ୍ତି। କୋର୍ଟରେ ମଧ୍ୟ ଜାତୀୟ ପରୀକ୍ଷଣ ସଂସ୍ଥା– ଏନ୍.ଟି.ଏ. ପକ୍ଷରୁ କୁହାଯାଇଛି, ସେହି ପରୀକ୍ଷାର୍ଥୀମାନେ ଆଗାମୀ ୨୩ ତାରିଖରେ ଅନୁଷ୍ଠିତ ହେଉଥିବା ପୁନଃ ପ୍ରବେଶିକା ପରୀକ୍ଷା ଦେଇପାରିବେ। ଜୁନ୍ ୩୦ ସୁଦ୍ଧା ଏହି ପରୀକ୍ଷାର ଫଳ ପ୍ରକାଶ ପାଇବ। ପୁନଃ ପରୀକ୍ଷା ଦେଉ ନଥିବା ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଗ୍ରେସ୍ ମାର୍କ ବିନା ମାର୍କସିଟ୍ ପ୍ରଦାନ କରାଯିବ। ଏନେଇ ଏକ ସାର୍ବଜନୀନ ବିଜ୍ଞପ୍ତି ଜାରି କରାଯିବ ଏବଂ ଗ୍ରେସ୍‌ମାର୍କ

ଦିଆଯାଇଥିବା ସମସ୍ତ ଏକହଜାର ୫୬୩ଜଣ ଛାତ୍ରଛାତ୍ରୀଙ୍କୁ ଗ୍ରେସ୍‌ମାର୍କ ପ୍ରତ୍ୟାହାର ଏବଂ ପୁନଃ ପରୀକ୍ଷା ନେଇ ଇ-ମେଲ୍ ମାଧ୍ୟମରେ ସୂଚନା ପ୍ରଦାନ କରାଯିବ ବୋଲି ଏନ୍‌ଟିଏ ପକ୍ଷରୁ ସ୍ପଷ୍ଟ କରାଯାଇଛି । ମାମଲାର ଶୁଣାଣି ସମୟରେ ନିଟ୍ କାଉନସେଲିଂ ଉପରେ କୌଣସି ଅନ୍ତରୀଣ ରହିତାଦେଶ ଦେବେ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି ।

ଏହି ମାମଲାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ନିଟ୍ ୟୁଜି ପ୍ରବେଶିକା ପରୀକ୍ଷାରେ କୌଣସି ଅନିୟମିତତା ହୋଇନାହିଁ। ଗଣମାଧ୍ୟମ ସହ ଆଲୋଚନା ବେଳେ ସେ କହିଛନ୍ତି ପ୍ରଶ୍ନପତ୍ର ପ୍ରଘଟ ନେଇ କୌଣସି ପ୍ରମାଣ ମଧ୍ୟ ହସ୍ତଗତ ହୋଇନାହିଁ । ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କୁ ପ୍ରତିଶ୍ରୁତି ଦେଇ ସେ କହିଛନ୍ତି ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କୁ ନ୍ୟାୟ ମିଳିବ । ସୁପ୍ରିମକୋର୍ଟରେ ଏ ସଂକ୍ରାନ୍ତ ମାମଲା ବିଚାରାଧୀନ ରହିଛି । ସରକାର ତାଙ୍କ ପକ୍ଷ ସୁପ୍ରିମକୋର୍ଟରେ ରଖିଛନ୍ତି । ଏହି ଘଟଣାର ତଦନ୍ତ ପାଇଁ ଶିକ୍ଷାବିତ୍‌କୁ ନେଇ ଏକ କମିଟି ଗଠନ କରାଯାଇଛି ବୋଲି ସେ କହିଛନ୍ତି ।

## ଓଡ଼ିଶା ଡାକବିଭାଗ-ସିବିଆଇ

ଓଡ଼ିଶାରେ ଡାକ ବିଭାଗ ନିଯୁକ୍ତିରେ ଅନିୟମିତତା ଅଭିଯୋଗ ମାମଲାରେ ଆଜି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ- ସିବିଆଇ ବିଭିନ୍ନ ଜିଲ୍ଲାର ୬୭ରୁ ଅଧିକ ସ୍ଥାନରେ ଚଢ଼ାଉ କରିଛି। କଳାହାଣ୍ଡି, ନୂଆପଡ଼ା, ରାୟଗଡ଼ା, ନବରଙ୍ଗପୁର, କନ୍ଧମାଳ, କେନ୍ଦୁଝର, ମୟୁରଭଞ୍ଜ, ବାଲେଶ୍ୱର ଏବଂ ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି ଚଢ଼ାଉ ହୋଇଛି । ଗତବର୍ଷ ଓଡ଼ିଶା ଡାକ ମଣ୍ଡଳରେ ଗ୍ରାମୀଣ ଡାକ ସେବକ ପରୀକ୍ଷାରେ ୧ ହଜାର ୩୮୨ଟି ପଦବୀ ପାଇଁ ପରୀକ୍ଷା ହୋଇଥିଲା। ଏଥିପାଇଁ ସର୍ବନିମ୍ନ ଯୋଗ୍ୟତା ଦଶମ୍ ପାସ୍ ରଖାଯାଇଥିଲା। ସାର୍ଟିଫିକେଟ୍ ଯାଞ୍ଚ ସମୟରେ ୬୩ ଜଣ ପରୀକ୍ଷାର୍ଥୀ ନକଲି ଦଶମ ପାସ୍ ପ୍ରମାଣପତ୍ର ଦାଖଲ କରିଥିବା ଜଣାପଡ଼ିବା ପରେ ଭୁବନେଶ୍ୱରସ୍ଥିତ ଡାକସେବା ନିର୍ଦ୍ଦେଶାଳୟ ପକ୍ଷରୁ ଏକ ଅଭିଯୋଗ ଦାଖଲ କରାଯାଇଥିଲା । ଏହା ଆଧାରରେ ୬୩ଜଣ ପରୀକ୍ଷାର୍ଥୀ, ଡାକ ବିଭାଗର କିଛି ଅଜ୍ଞାତ ଅଧିକାରୀଙ୍କ ସମେତ ଆଉକିଛି ବ୍ୟକ୍ତିବିଶେଷଙ୍କ ବିରୋଧରେ ସିବିଆଇ ମାମଲା ରୁଜୁ କରି ତଦନ୍ତ କରୁଛି । ଏହି ଅଭିଯାନରେ

୧୦୪ଜଣ ସିବିଆଇ ଅଧିକାରୀ ଏବଂ ଅନ୍ୟ ବିଭାଗର ୮୨ଜଣଙ୍କୁ ମିଶାଇ ମୋଟ୍ ୨୦୪ଜଣରୁ ଊର୍ଦ୍ଧ୍ୱ ଅଧିକାରୀ ସାମିଲ ହୋଇଥିଲେ ।

## ରାସନ କାର୍ଡ-ଆଧାର ସଂଯୋଗୀକରଣ

ସାଧାରଣ ବଣ୍ଟନ ବ୍ୟବସ୍ଥା ଅଧୀନରେ ରାସନ୍ କାର୍ଡକୁ ଆଧାର ସହ ସଂଯୋଗ କରିବା ନିମନ୍ତେ ସମୟସୀମା ବୃଦ୍ଧି କରାଯାଇଛି। କେନ୍ଦ୍ର ସରକାର ଏଥିପାଇଁ ସମୟସୀମା ଚଳିତ ବର୍ଷ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ପୂର୍ବରୁ ଏହି ସମୟସୀମା ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଥିଲା। ୨୦୧୭ ଫେବୃଆରୀରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଅଧୀନରେ ଲାଭ ପାଇବା ପାଇଁ ରାସନ କାର୍ଡକୁ ଆଧାର ସହ ସଂଯୋଗ କରିବା ବାଧ୍ୟତାମୂଳକ କରାଯାଇଥିଲା। ଏହି ସମ୍ପର୍କିତ ବିଜ୍ଞପ୍ତି ଅନୁଯାୟୀ, ହିତାଧିକାରୀମାନଙ୍କୁ ରାସନ କାର୍ଡକୁ ଆଧାର ସହ ସଂଯୋଗ କରିବାକୁ ପଡ଼ିବ। ଯଦି ଆଧାର ନଥାଏ ତେବେ ହିତାଧିକାରୀଙ୍କୁ ଆବେଦନ କରିବାକୁ ପଡ଼ିବ।

# ୟୁଏନ୍-ଡିସ୍‌ପ୍ଲେସ୍‌ଡ

ଜାତିସଂଘ କହିଛି ଗତବର୍ଷ ଆରମ୍ଭରୁ ଗତ ମେ' ମାସ ମଧ୍ୟରେ ବିଶ୍ୱରେ ୧୨କୋଟିରୁ ଅଧିକ ଲୋକ ବାଧ୍ୟତାମୂଳକ ବିସ୍ଥାପନ ଜୀବନ ବିତାଉଥିଲେ । ମିଳିତ ଜାତିସଂଘ ଶରଣାର୍ଥୀ ସଂସ୍ଥା ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଗତବର୍ଷ ଶେଷସୁଦ୍ଧା ପ୍ରାୟ ୧୧କୋଟି ୭୦ଲକ୍ଷରୁ ଅଧିକ ଲୋକ ବାଧ୍ୟତାମୂଳକ ଭାବେ ବିସ୍ଥାପିତ ହୋଇଥିଲେ । ବିଭିନ୍ନ ଅସାମାଜିକ କାର୍ଯ୍ୟ, ଗଣ୍ଡଗୋଳ, ହିଂସାତ୍ମକ ଘଟଣା, ମାନବାଧିକାର ଉଲ୍ଲଙ୍ଘନ ଆଦି ବିଭିନ୍ନ ପ୍ରସଙ୍ଗରେ ଜଡିତ ଥିବା ଅଭିଯୋଗରେ ସେମାନେ ଏଭଳି ଜୀବନ ବିତାଇବାକୁ ବାଧ୍ୟ ହୋଇଥିଲେ । ଜାତିସଂଘ ଶରଣାର୍ଥୀ ସଂସ୍ଥାର ଉଚ୍ଚାୟୁକ୍ତ ଫିଲିପୋ ଗ୍ରାଣ୍ଡି କହିଛନ୍ତି ଏହିଭଳି ପ୍ରସଙ୍ଗ ଯୋଗୁଁ ବିସ୍ଥାପିତ ଲୋକଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇଥିଲା । ମ୍ୟାଁମାର, ଆଫଗାନିସ୍ତାନ, ୟୁକ୍ରେନ, ପାଲେଷ୍ଟାଇନ୍, କଙ୍ଗୋ, ସୋମାଲିଆ, ହାଇତି, ସିରିଆ ଏବଂ ଆର୍ମିନିଆ ଦେଶର ନାଗରିକ ଏଭଳି ପରିସ୍ଥିତିରେ ଜୀବନ ବିତାଉଥିଲେ ବୋଲି ସେ କହିଛନ୍ତି ।

# ନାଗପୁର-ଫାୟାର ଆକ୍ସିଡେଣ୍ଟ

ମହାରାଷ୍ଟ୍ରର ନାଗପୁର ସହର ନିକଟବର୍ତ୍ତୀ ହିଙ୍ଗନା ତାଲୁକା ଅନ୍ତର୍ଗତ ଧମନାଠାରେ ଏକ ବାଣ ତିଆରି କାରଖାନାରେ ବିସ୍ଫୋରଣ ଘଟି ୬ଜଣଙ୍କର ମୃତ୍ୟୁ ହୋଇଛି । ଆଜି ଅପରାହ୍ଣରେ ହୋଇଥିବା ଏହି ବିସ୍ଫୋରଣ ଘଟଣାରେ ଅନ୍ୟ ୪ଜଣ ଆହତ ହୋଇଛନ୍ତି । ନାଗପୁରର ଘରୋଇ ଡାକ୍ତରଖାନାରେ ସେମାନଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଏହି ଘଟଣାରେ ଗଭୀର ଶୋକପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ସମବେଦନା ଜ୍ଞାପନ କରିବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ଏଥିସହ ନାଗପୁରଠାରେ ତାଙ୍କୁ ଆଜି ପ୍ରଦାନ କରାଯିବାକୁ ଥିବା ନାଗରିକ ସମ୍ବର୍ଦ୍ଧନା ସମାରୋହକୁ ବାତିଲ କରିବାକୁ ସେ ଦଳୀୟ କର୍ମୀଙ୍କୁ ଅନୁରୋଧ କରିଥିଲେ ।

# ଜାତୀୟ ଶିକ୍ଷାନୀତି-ଧର୍ମେନ୍ଦ୍ର ପ୍ରଧାନ

ଭାରତ ବର୍ଷରେ ଜାତୀୟ ଶିକ୍ଷାନୀତିକୁ ଅଧିକ କ୍ରିୟାଶୀଳ କରିବାକୁ ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ବିଧିବଦ୍ଧ ଭାବେ ଆଜି ଶିକ୍ଷା ମନ୍ତ୍ରଣାଳୟର ଦାୟିତ୍ୱ ଗ୍ରହଣ କରିବା ପରେ ଗଣମାଧ୍ୟମ ସହ ଆଲୋଚନା କାଳରେ ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ନବଗଠିତ ବିଜେପି ସରକାର ସହଯୋଗରେ ଓଡ଼ିଶାରେ ପିଏମ୍‌ଶ୍ରୀ ସ୍କୁଲ ଏବଂ ପିଏମ୍ ଉଷାକୁ କାର୍ଯ୍ୟକାରୀ ସହ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରାଯିବାକୁ ପଦକ୍ଷେପ ଗ୍ରହଣ କରାଯିବ । ଦେଶର ନୂଆପିଢ଼ୀଙ୍କୁ ବିଶ୍ୱସ୍ତରୀୟ ଆହ୍ୱାନର ମୁକାବିଲା ଲାଗି ପ୍ରସ୍ତୁତ କରିବାକୁ ଶିକ୍ଷା ବିଭାଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି ବୋଲି ସେ କହିଛନ୍ତି । ୨୦୪୭ ମସିହାରେ ଭାରତ ସ୍ୱାଧୀନତାର ୧୦୦ବର୍ଷ ପୂରଣ କରିବ । ଏହି ସମୟସୀମା ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗୁଣାତ୍ମକ ଶିକ୍ଷା ଆଧାରରେ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ସ୍ୱପ୍ନ ସାକାର ହେବ ବୋଲି ସେ କହିଛନ୍ତି ।

# ୟୁନିୟନ ବଜେଟ୍ ପ୍ରିପାରେସନ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଚଳିତ ଆର୍ଥିକ ବର୍ଷ ପାଇଁ ବଜେଟ୍ ପ୍ରସ୍ତୁତି ଉପରେ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଗତକାଲି ଅର୍ଥ ବିଭାଗର ଦାୟିତ୍ୱ ଗ୍ରହଣ କରିବା ପରେ ମନ୍ତ୍ରୀ ସୀତାରମଣ ବଜେଟ୍ ପ୍ରସ୍ତୁତି ନେଇ ବରିଷ୍ଠ ଅଧିକାରୀଙ୍କ ସହ ଏକ ବୈଠକ କରିଥିଲେ ।

# ଏମ୍ଇଏ-ଜାମ୍ମୁ କାଶ୍ମୀର

ଜାମ୍ମୁ-କାଶ୍ମୀର ପ୍ରସଙ୍ଗକୁ ନେଇ ଗତ ୭ ତାରିଖରେ ଚୀନ୍ ଓ ପାକିସ୍ତାନ ପକ୍ଷରୁ ଜାରି ମିଳିତ ବିବୃତ୍ତିକୁ ଭାରତ ଖଣ୍ଡନ କରିଛି । ଗଣମାଧ୍ୟମକୁ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଜାମ୍ମୁ କାଶ୍ମୀର ଏବଂ ଲଦାଖ ଭାରତ ଅବିଚ୍ଛେଦ୍ୟ ଅଙ୍ଗ ଥିଲା, ଅଛି ଏବଂ ରହିବ । ଏହି ପ୍ରସଙ୍ଗରେ କାହାର ବି କୌଣସି ମନ୍ତବ୍ୟ ଦେବାର ଅଧିକାର ନାହିଁ ବୋଲି ସେ କହିଛନ୍ତି । ସେ କହିଛନ୍ତି ଚାଇନା, ପାକିସ୍ତାନ ଅର୍ଥନୈତିକ କରିଡର ଅଧୀନରେ ହେଉଥିବା କାର୍ଯ୍ୟକଳାପ

ଏବଂ ପ୍ରକଳ୍ପ ବିଷୟକୁ ନେଇ ଉଭୟ ଦେଶ ପକ୍ଷରୁ ଏକ ମିଳିତ ବିବୃତ୍ତି ଜାରି କରାଯାଇଥିଲା । ତେବେ ସେଥିରେ ପାକିସ୍ତାନ ଜବରଦସ୍ତି ତଥା ବେଆଇନ ଭାବରେ କବ୍‌ଜାରେ ରଖିଥିବା ଭାରତର ସାର୍ବଭୌମ୍ୟ ଅଞ୍ଚଳକୁ ଦର୍ଶାଯାଇଛି, ଯାହାକୁ ଭାରତ ଦୃଢ଼ଭାବେ ଖଣ୍ଡନ କରିଛି । ପାକିସ୍ତାନର ସେହି ବେଆଇନ ଦଖଲକୁ ମାନ୍ୟତା ଦେବାପାଇଁ ଅନ୍ୟଦେଶର ପଦକ୍ଷେପକୁ ଭାରତ ଦୃଢ଼ ବିରୋଧ କରେ ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

## କାଠମାଣ୍ଡୁ ପର୍ଯ୍ୟଟନ ମେଳା

ଆନ୍ତର୍ଜାତିକ ପର୍ଯ୍ୟଟନ ମେଳା ଆସନ୍ତାକାଲିଠାରୁ ନେପାଳର କାଠମାଣ୍ଡୁଠାରେ ଆରମ୍ଭ ହେବ । ବିଶ୍ୱ ପର୍ଯ୍ୟଟନ କ୍ଷେତ୍ରରେ ନିରନ୍ତର ବିକାଶ ଏବଂ ବିଭିନ୍ନ ଦେଶ ମଧ୍ୟରେ ସାଂସ୍କୃତିକ ସହାବସ୍ଥାନ ବୃଦ୍ଧି ଲକ୍ଷ୍ୟରେ ଏହି ମେଳାର ଆୟୋଜନ କରାଯାଇଛି । ଏଥିରେ ୧୬ଟି ରାଷ୍ଟ୍ର ଅଂଶଗ୍ରହଣ କରୁଛନ୍ତି । ଭାରତ ଏବଂ ଆୟୋଜକ ନେପାଳକୁ ଛାଡି ଅନ୍ୟ ଦେଶଗୁଡ଼ିକ ମଧ୍ୟରେ କୋରିଆ, ତାଇୱାନ, ସିଙ୍ଗାପୁର, ମାଳଦ୍ୱୀପ,

ଆମେରିକା, ନେଦରଲ୍ୟାଣ୍ଡ, ଶ୍ରୀଲଙ୍କା, ଚୀନ୍, ଥାଇଲାଣ୍ଡ, ଦୁବାଇ, ବାଂଲାଦେଶ, ଭିଏତ୍ନାମ, ମାଲେସିଆ ଏବଂ ଭୁଟାନ ଅଛନ୍ତି । ଏହି ମେଳାରେ ବିଭିନ୍ନ ରାଷ୍ଟ୍ର ପକ୍ଷରୁ ଦେଢ଼ଶହରୁ ଊର୍ଦ୍ଧ୍ୱ ମଣ୍ଡପ ପ୍ରତିଷ୍ଠା କରାଯାଉଛି ।